# NATIONAL NEWS BULLETIN (ODIA)

**14 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବାରାକ୍ ଉପତ୍ୟକାକୁ ଉତ୍ତର-ପୂର୍ବାଞ୍ଚଳର ଗମନାଗମନ ଏବଂ ବାଣିଜ୍ୟିକ ହବ୍ ଭାବେ ପରିଣତ କରିବା ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି କହିଲେ ପ୍ରଧାନମନ୍ତ୍ରୀ

- ଦେଶ୍ୟାବ୍ୟାପି ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ ବାସଗୃହ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ଲାଗି  ନିରବଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କଲେ ସରକାର

- ପଶ୍ଚିମ ଏସିଆର ସ୍ଥିତିକୁ ଦୃଷ୍ଟିରେ ରଖି ନିୟମିତ  ଭିସା ଏବଂ ଇ-ଭିସା ର ଅବଧି ବୃଦ୍ଧି କଲା ଦୁବାଇସ୍ଥିତ ଭାରତୀୟ ଦୂତାବାସ

- ଲଦାଖର ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ଉପରୁ  ଏନ୍‌ଏସ୍‌ଏ ପ୍ରତିବନ୍ଧକ ହଟାଇଲେ ସରକାର

ଏବଂ

- ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ  ଫାଇନାଲରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ଆସାମ

ବାରାକ୍ ଉପତ୍ୟକାକୁ ଉତ୍ତର-ପୂର୍ବାଞ୍ଚଳର ଗମନାଗମନ ଏବଂ ବାଣିଜ୍ୟିକ ହବ୍ ଭାବେ ପରିଣତ କରିବା ଦିଗରେ କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଦୁଇଦିନିଆ ଆସାମ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସିଲ୍‌ଚରଠାରେ ୨୩ ହଜାର ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରି ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ସିଲ୍‌ଚରକୁ ବାରାକ୍‌ର ପ୍ରବେଶପଥ ବୋଲି କୁହାଯାଏ । ଏଠାକାର ଇତିହାସ, ଭାଷା, ସଂସ୍କୃତି ଓ ଐତିହ୍ୟ ମିଳିତଭାବେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-Project Silcher)**

ଶ୍ରୀ ମୋଦୀ କହିଛନ୍ତି ସୀମାବର୍ତ୍ତୀ ଗ୍ରାମଗୁଡ଼ିକର ବିକାଶ ଉପରେ ସରକାର ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ବାରାକ ଉପତ୍ୟକାର ସାମୁଦ୍ରିକ ବିକାଶ ଲାଗି ମଧ୍ଯ ସରକାର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।

**V/O (PM-)**

ଆସାମ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ଆଜି କୋଲକାତା ଅଭିମୁଖେ ଯାତ୍ରା କରିବେ । ସେଠାରେ ସେ ପ୍ରାୟ ୧୮ହଜାର ୬୮୦ କୋଟି ଟଙ୍କା ମୂଲ୍ୟର ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ମୁଖ୍ୟତଃ ସଡ଼କ ପରିବହନ, ବନ୍ଦର, ରେଳବାଇ ଭଳି ପ୍ରାଥମିକ କ୍ଷେତ୍ରର ଭିତ୍ତିଭୂମି

ସଶକ୍ତିକରଣ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ଆୟୋଜିତ ହେବାକୁଥିବା ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

---

# ଗଭ୍ ବ୍ରିଫିଙ୍ଗ୍-ୱେଷ୍ଟ ଏସିଆ

ଦେଶ୍ୟାବ୍ୟାପି ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ବାସଗୃହ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ଲାଗି ସରକାର ନିରବଚ୍ଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ପଶ୍ଚିମ ଏସିଆର ସାଂପ୍ରତିକ ସ୍ଥିତି ଉପରେ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ବିଶୋଧନାଗାର ଗୁଡ଼ିକରେ ଘରୋଇ ଏଲ୍‌ପିଜି ଉତ୍ପାଦନ ହାର ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ବର୍ତ୍ତମାନ ରାଜ୍ୟ ସରକାରମାନଙ୍କ ନିକଟରେ ଉପଲବ୍ଧ ରହିଛି ଏବଂ ଏହାକୁ ଗ୍ରାହକମାନଙ୍କୁ ବିତରଣ କରିବା ଉପରେ ପ୍ରାଥମିକତା ଦିଆଯାଇଛି । ସେହିଭଳି ଘରୋଇ ପିଏନ୍‌ଜି ଏବଂ ସିଏନ୍‌ଜି ଇନ୍ଧନ ଯୋଗାଣ ମଧ୍ୟ ସୁନିଶ୍ଚିତ କରାଯାଛି । ଏଥିଲାଗି ସରକାରଙ୍କ ନିର୍ଦ୍ଦେଶାବଳୀକୁ ଠିକ୍ ରୂପେ ପାଳନ କରିବା ଲାଗି ସମସ୍ତ ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏଥିରେ ଅବହେଳା ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

**V/O**

ଏହାଛଡ଼ା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅତିରିକ୍ତ ୪୮ ହଜାର କିଲୋଲିଟର କିରୋସିନି ଯୋଗାଇ ଦିଆଯାଇଛି ବୋଲି ଯୁଗ୍ମ ସଚିବ କହିଛନ୍ତି ।

---

## ଭିପି-ହିମାଚଳ ପ୍ରଦେଶ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ହିମାଚଳ ପ୍ରଦେଶ ଗସ୍ତ କରି କାଙ୍ଗରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ଶ୍ରୀ ରାଧାକୃଷ୍ଣନ ୧୨ ଜଣ ଶିକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସହିତ ଅନ୍ୟ ୮ ଜଣ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରିବେ । ସମାବର୍ତ୍ତନ ଉତ୍ସବରେ ମୋଟ୍ ୫୨୩ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ସମାରୋହରେ ରାଜ୍ୟପାଳ କବିନ୍ଦ୍ର ଗୁପ୍ତା, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ବିରୋଧୀଦଳ ନେତା ଜୟରାମ ଠାକୁରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ । ଏତଦ୍‌ବ୍ୟତୀତ ଉପରାଷ୍ଟ୍ରପତି ଧର୍ମଶାଳାରେ ଥିବା ଯୁଦ୍ଧସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ।

## ଦୁବାଇ-ଭିସା

ପଶ୍ଚିମ ଏସିଆରେ ସୃଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇସ୍ଥିତ ଭାରତର ବାଣିଜ୍ୟିକ ଦୂତାବାସ ପକ୍ଷରୁ ନିୟମିତ ଭାରତୀୟ ଭିସା ଏବଂ ଇ-ଭିସା ର ଅବଧି ବୃଦ୍ଧି କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି, ପଶ୍ଚିମ ଏସିଆର ସ୍ଥିତି ଲାଗି ପ୍ରଭାବିତ ନାଗରିକଙ୍କର ସମସ୍ତ ପ୍ରକାର ଭିସା ଓ ଇ-ଭିସା ଗୁଡ଼ିକର ଅବଧି ଶେଷ ହୋଇଯାଇଛି କିମ୍ବା ଖୁବ୍‌ଶୀଘ୍ର ଶେଷହେବାକୁ ଯାଉଛି, ସେଗୁଡ଼ିକର ସମୟସୀମା ଆଉ ଏକମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ଫେବୃୟାରୀ ୨୮ ତାରିଖ ସୁଦ୍ଧା ଭିସା ଅବଧି ଶେଷ ହୋଇଥିବା ବ୍ୟକ୍ତିମାନଙ୍କର ଜୋରିମାନା ଅର୍ଥକୁ ମଧ୍ୟ ଛାଡ଼ କରାଯାଇଛି ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

## ସୋନମ-ଏନ୍‌ଏସ୍‌ଏ

ଜାତୀୟ ସୁରକ୍ଷା ଆଇନ ଅଧୀନରେ ଗତବର୍ଷ ସେପ୍ଟେମ୍ବରରେ ଅଟକ ରହିଥିବା ଲଦାଖର ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ଉପରୁ ସରକାର ପ୍ରତିବନ୍ଧକ ହଟାଇ ଦେଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଲଦାଖ୍‌ରେ ଶାନ୍ତି, ସ୍ଥିରତା ଏବଂ ଆପୋଷ ବିଶ୍ୱାସର ପରିବେଶ ବଜାୟ ରଖିବା ଦିଗରେ ସରକାର ସଂପୂର୍ଣ୍ଣ ପ୍ରତିବଦ୍ଧ । ଏହାଦ୍ୱାରା ସମସ୍ତ ପ୍ରତିପକ୍ଷଙ୍କ ସହିତ ଏକ ସକାରାତ୍ମକ ତଥା ଫଳପ୍ରଦ ଆଲୋଚନାର ପରିବେଶ ସୃଷ୍ଟି ହୋଇପାରିବ । ଲଦାଖ ଲାଗି ସମସ୍ତ ପ୍ରକାର ଆବଶ୍ୟକୀୟ ସୁରକ୍ଷା ଯୋଗାଇଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛି । ଉଚ୍ଚସ୍ତରୀ କମିଟି ତଥା ଉପଯୁକ୍ତ ମଞ୍ଚରେ କଥାବାର୍ତ୍ତା ମାଧ୍ୟମରେ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଶା ବ୍ୟକ୍ତ କରିଛି ।

---

## ନବରାତ୍ରୀ-ସ୍ପେଶାଲ୍ ଟ୍ରେନ୍

ଚୈତ୍ର ନବରାତୀକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କର ସୁବିଧା ଲାଗି ନୂଆଦିଲ୍ଲୀରୁ ଶ୍ରୀମାତା ବୈଷ୍ଣୋଦେବୀ କାଟ୍ରା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଅବଧିକୁ ବୃଦ୍ଧି କରାଯାଇଛି । ଏ ସଂପର୍କରେ ସୂଚନା ଦେଇ ଉତ୍ତରାଞ୍ଚଳ ରେଳବାଇର ଜାମ୍ମୁ ରେଳ ଡିଭିଜନ ପକ୍ଷରୁ କୁହାଯାଇଛି, ଯାତ୍ରୀମାନେ ଯେଭଳି ସୁରୁଖୁରୁରେ ଯାତ୍ରା କରି ମାତାଙ୍କ ଦର୍ଶନ କରିପାରିବେ ସେଥିଲାଗି ଏହି ଟ୍ରେନ୍‌ର ଚଳାଚଳକୁ ଆସନ୍ତା ୧୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଟ୍ରେନ୍‌ର ଚଳାଚଳ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ସ୍ଥିର ହୋଇଥିଲା ।

ସେହିଭଳି ବୈଷ୍ଣୋଦେବୀରୁ ନୂଆଦିଲ୍ଲୀକୁ ଏହି ଟ୍ରେନ୍ ଗତ ୯ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା । ତେବେ ବର୍ତ୍ତମାନ ଏହାର ଚଳାଚଳ ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଉତ୍ତରାଞ୍ଚଳ ରେଳବାଇ କହିଛି ।

## ପିଆଇବି-ଫ୍ୟାକ୍ଟ ଚେକ୍

ପିଏମ୍ ଲ୍ୟାପ୍‌ଟପ୍ ଯୋଜନା-୨୦୨୬ ଅଧୀନରେ ସରକାର ମାଗଣାରେ ଲ୍ୟାପ୍‌ଟପ୍ କିମ୍ବା ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବା ସଂପର୍କିତ ଖବରକୁ ପତ୍ର ଓ ସୂଚନା କାର୍ଯ୍ୟାଳୟ-ପିଆଇବି ପକ୍ଷରୁ ଖଣ୍ଡନ କରାଯାଇଛି । ପିଆଇବିର ତଥ୍ୟ ଅନୁସନ୍ଧାନ ୟୁନିଟ୍ ପକ୍ଷରୁ ଏ ସଂପର୍କରେ ସୂଚନା  ଦିଆଯାଇ କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଏହି ଖବର ସଂପର୍କିତ ଭିଡ଼ିଓ ଟି ସଂପୂର୍ଣ୍ଣ ମିଥ୍ୟା । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ  ଦେଶବାସୀ **myscheme.gov.in** ୱେବ୍‌ସାଇଟ୍‌ରୁ ସଠିକ୍ ତଥ୍ୟ ପାଇପାରିବେ ବୋଲି ପିଆଇବି ପକ୍ଷରୁ କୁହାଯାଇଛି ।

## ବିହାର-ଗଭର୍ଣ୍ଣର ଓଥ୍

ବିହାରର ୪୩ତମ ରାଜ୍ୟପାଳ ଭାବେ  ସଇଦ୍ ଅତା ହାସ୍‌ନେନ୍ ଶପଥ ଗ୍ରହଣ କରିଛନ୍ତି। ସ୍ଥାନୀୟ ଲୋକଭବନରେ ପାଟନା ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ସଇଦ୍ ହାସନେନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସମାରୋହରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ୟୁଏସ୍-ଏମ୍ବାସି ଆଟାକ୍

ଇରାକର ରାଜଧାନୀ ବାଗ୍‌ଦାଦ୍‌ସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର ଦୂତାବାସ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ବାଗଦାଦ ଉପରେ ଆକ୍ରମଣ କରିଥିବା ଇରାନର ୨ ଜଣ ସୈନିକଙ୍କ ମୃତ୍ୟୁ ହେବା ପରେ ଏଭଳି ଘଟଣା ଘଟିଛି । ତେବେ ବାଗଦାଦସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ଏ ସଂପର୍କରେ ତୁରନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ସ୍ଥାନୀୟ ଆମେରିକା ଦୂତାବାସର ରାଡାର ବ୍ୟବସ୍ଥା ଉପରକୁ ଏକ ଆତ୍ମଘାତୀ ଡ୍ରୋନ୍ ଆକ୍ରମଣ କରାଯାଇଥିଲା ବୋଲି ଇରାନର ଜାତୀୟ ଗଣମାଧ୍ୟମ କହିଛି ।

---

# ଏଫ୍ଆଇଏଚ୍ ୱିମେନ୍ସ ହକି

ଭାରତୀୟ ମହିଳା ହକି ଦଳ ଏଫ୍ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ ୨୦୨୬ର ଫାଇନାଲରେ ଆଜି ଇଂଲଣ୍ଡକୁ ଭେଟିବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ତେଲଙ୍ଗାନାର ଜିଏମ୍‌ସି ବାଲାଯୋଗୀ ହକି ପଡ଼ିଆରେ ଅନୁଷ୍ଠିତ ହେବ । ଉଭୟ ଦଳ ଏପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅପରାଜିତ ଅଛନ୍ତି । ସାଲମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗତକାଲି ସେମିଫାଇନାଲ୍‌ରେ ଇଟାଲୀକୁ ୧-୦ରେ ପରାସ୍ତ କରିଛି ।

ଦଳପକ୍ଷରୁ ମନୀଷା ଚୌହ୍ୱାନ ଖେଳର ୪୦ମିନିଟ୍ ସମୟରେ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ଏଥିସହିତ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍‌ରେ ଭାରତ ନିଜର ସ୍ଥାନ ପକ୍କା କରିଛି । ୨୦୧୮, ୨୦୨୨ ଓ ଚଳିତବର୍ଷକୁ ମିଶାଇ ଭାରତୀୟ ମହିଳା

ହକି ଦଳ ୩ ଥର ଲାଗି ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ସଫଳତା ହାସଲ କରିଛି ।